## ସ୍ୱାଭିମାନ ଅଞ୍ଚଳରେ ପନିପରିବା ବିହନ ବଣ୍ଟନ

ଚିତ୍ରକୋଣ୍ଡା,(ଡି.ଏନ.ଏ.)-ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳ ବଡ଼ପଦର ପଞ୍ଚାୟତରେ ଜିଲା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ୨ଶହରୁ ଉର୍ଦ୍ଧ୍ୱ ଆଦିବାସୀ ଚାଷୀ ପରିବାରଙ୍କୁ ଆମ୍ବ ଚାରା ଓ ୧୩ ପ୍ରକାର ପନିପରିବା ବିହନ ବଣ୍ଟନ କରାଯାଇଛି। ଉପଉଦ୍ୟାନ କୃଷି ଅଧିକାରୀ ନମିତା ମାଢ଼ିଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ଚାଷୀଙ୍କୁ ଫୁଲକୋବି, ପାଳଙ୍ଗ ଶାଗ, ଧନିଆପତ୍ର, କାକୁଡି, ଗୁଆଁର, ଭେଣ୍ଡି, ଝୁଡୁଙ୍ଗ, ଲାଉ, ମୁନିଙ୍ଗା, ମେଥି, ମୂଳା, ପିଆଜ ଓ ଲଙ୍କା ବିହନ ବଣ୍ଟା ଯାଇଥିଲା। ଏଚପିଡବ୍ଲ୍ୟୁ ଧନଞ୍ଜୟ ହନ୍ତାଳ ସହଯୋଗ କରିଥିଲେ।



## ସଂକ୍ଷେପରେ

### ଅଲଓଡ଼ିଶା ଓପନ ଭର୍ଚ୍ୟୁଆଲ ପିଙ୍କ ପସିଲଟ ୨୦୨୦ ପ୍ରତିଯୋଗିତା: କୋରାପୁଟରୁ ୬ ପ୍ରତିଯୋଗୀ ସାମିଲ

କୋରାପୁଟ,୧୫।୧୦(ସ୍ୱ.ପ୍ର.)-କୋରାପୁଟ ପିଙ୍କ ପସିଲଟ ଏକାଡେମୀର ୬ ଜଣ ବାଳିକା ଓ ବାଳକ ଅଲଓଡିଶା ଓପନ ଭରଚ୍ୟୁଆଲ ପିଙ୍କ ପସିଲଟ-୨୦୨୦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ବାଳିକା ବିଭାଗରେ ତନିସା ସାହୁ(୮), ସୁହାନି କାଜି(୯), ପିଙ୍କି ହରିଜନ (୯) ଭାଗ ନେଇଥିବାବେଳେ ବାଳକ ବିଭାଗରେ ରହନ ସାହୁ (୧୧), ଅଙ୍କିତ ବେହେରା(୧୧) ଓ ବ୍ୟଙ୍ଗନ ବିଭୂତି ନାୟକ (୧୨) ରହିଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ୧୭ ଓ ୧୮ ଦୁଇଦିନ ଧରି ହେବ ବୋଲି ଜିଲା ପିଙ୍କପସିଲଟ ଆସୋସିଏଶନର ସଭାପତି କେ. ଜଗଦିଶ ରାଓ, କୋଷାଧକ୍ଷ ଏକାଦଶୀ ବେହେରା ଓ ପ୍ରଶିକ୍ଷକ ଯୋଗେଶ୍ୱର ବେହେରା କହିଛନ୍ତି।

### ବିଜେଡି ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ମାଲକାନଗିରି,୧୫।୧୦ (ଡି.ଏନ୍.ଏ.)-ମାଲାକନଗିରି ଜିଲା ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ କେତେକ ସମସ୍ୟାର ସମାଧାନ ନେଇ ଏକ ଦାବିପତ୍ର ମାଲକାନଗିରି ଜିଲାପାଳ ମନୀଷ ଅଗ୍ରୱାଲଙ୍କୁ ପ୍ରଦାନ କରାଯାଇଛି। କରୋନା ମହାମାରୀ ସମୟରେ ଜିଲା ସଦର ମହକୁମାର ସମସ୍ତ ସାହି ଓ ଘରଗୁଡିକ ସାନିଟାଇଜେସନ କରିବା, ସଦର ମହକୁମାର କେତୋଟି ସାହିରେ ନାଳ ନଥିବାରୁ ବର୍ଷା ସମୟରେ ମଇଳା ପାଣି ଲୋକଙ୍କ ଘରେ ପ୍ରବେଶ କରୁଥିବାରୁ ସବୁ ସାହିରେ ନାଳ ତିଆରି କରିବା, ଯେଉଁ ସାହିରେ ନାଳ ରହିଛି ତାହାକୁ ପ୍ରତି ସପ୍ତାହରେ ସଫା କରିବା, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଓ ଶିଶୁ ଉଦ୍ୟାନକୁ ପୁନରୁଦ୍ଧାର କରିବା ମାଥିଲି ମହାବିଦ୍ୟାଳୟର ଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରିବା, ମହାବିଦ୍ୟାଳୟର ପରିଚାଳନା କମିଟି ଅଧକ୍ଷ ଭାବେ ମାଥିଲି ତହସିଲଦାର କିମ୍ବା ବିଡିଓଙ୍କୁ ଦାୟିତ୍ୱ ଦାୟିତ୍ୱ ଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ସମୟରେ ବିଜୁ ଯୁବ ଜନତା ଦଳର ଜିଲା ସଭାପତି ଆଡମା ରାବା, ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି ତାପସ ରଞ୍ଜନ ନାୟକ, ରାଜୁ ଶିଶା, ବିଜୟ ବୁରୁଦା, ବଳରାମ ଭଞ୍ଜ, କଣ୍ଟେଶ୍ୱର ପଟ୍ଟା, ମନୋଜ ପଟ୍ଟନାୟକ, ସଞ୍ଜୟ ସାହୁ, ଉମେଶ ଗୁପ୍ତା ଉପସ୍ଥିତ ଥିଲେ।

### ମଜଦୁର ସଂଘ ଦେଲା ୧୦ ଦଫା ଦାବିପତ୍ର

ଜୟପୁର,୧୫।୧୦(ଡି.ଏନ.ଏ )-ରାଜ୍ୟ କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ମଜଦୁର ସଂଘ ପକ୍ଷରୁ ୧୦ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀଙ୍କୁ ପ୍ରଦାନ କରାଯାଇଛି। ଜିଲା ଶ୍ରମ କାର୍ଯ୍ୟାଳୟରେ ଖାଲି ଥିବା ପଦବୀ ପୂରଣ କରିବା, କାର୍ଯ୍ୟାଳୟ ରେ ପଡି ରହିଥିବା ଶ୍ରମିକଙ୍କ ସହାୟତା ପାଇଁ ସାଇକେଲ, ଯନ୍ତ୍ରପାତି, ସୁରକ୍ଷା ସାମଗ୍ରୀ, ବିବାହ, ମୃତ୍ୟୁକାଳୀନ, ପ୍ରସବକାଳୀନ, ଓ ଶିକ୍ଷା ସହାୟତା ରାଶି ପ୍ରଦାନ କରିବା, କାରୋନା ମହାମାରୀ ଯୋଗୁ ଅନେକ ଶ୍ରମିକଙ୍କ ବକେୟା ରହଛି, ଏହା ସେମାନଙ୍କୁ ଦେବା, ନୂତନ ପଞ୍ଜୀକରଣ, ପ୍ରତ୍ୟେକ ଜିଲାରେ ଜଣେ ଲେଖାଏ ଶ୍ରମ କଲ୍ୟାଣ ଅଧିକାରୀ ନିଯୁକ୍ତି ସହ ଅନ୍ୟାନ୍ୟ ଦାବି ରହିଛି। ଏହି ସମୟରେ ଶ୍ରମ ଉପ କମିଶନର ଗୀତାଞ୍ଜଳି ପତି , ଜିଲା ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଶୀତଳ ଭଣ୍ଡାରରେ ପ୍ରସ୍ତାବିତ ରେଳପଥ

ବ୍ରହ୍ମପୁର ଅଫିସ,୧୫।୧୦



ବ୍ରହ୍ମପୁର ରେଳଷ୍ଟେଶନ।

ସରକାର ଜନସାଧାରଣଙ୍କୁ ସୁବିଧା ପାଇଁ ଅନେକ ଯୋଜନା କରୁଛନ୍ତି। ହେଲେ ବିଭିନ୍ନ କାରଣରୁ ସେହି ସବୁ ଯୋଜନା ଏବେ ପ୍ରସ୍ତାବରେ ଅଟକି ରହୁଛି। ରାଜନୈତିକ ଇଚ୍ଛାଶକ୍ତି ଅଭାବ ହେଉ କିମ୍ବା ଅନ୍ୟ କୌଣସି ତ୍ରୁଟି ଯୋଗୁ ଅନେକ ଯୋଜନା ପାଇଁ ସମୀକ୍ଷା ପରେ ଆଲୋଚନା କରାଯାଉଥିଲେ ମଧ ପ୍ରସ୍ତାବଗୁଡିକ ଏବେ ଶୀତଳଭଣ୍ଡାରରେ ପଡିରହୁଛି। ଫଳରେ ଲୋକଙ୍କ ସ୍ୱପ୍ନ ଏବେ ଅଧାରେ ରହିଯାଇଛି।

ବ୍ରହ୍ମପୁର ରେଳ ଡିଭିଜନ ନିର୍ମାଣ କରିବା ଭଳି ଏକ ପ୍ରସ୍ତାବ ପାଇଁ ସରକାର ପଛଘୁଞ୍ଚା ଦେଉଥିବା ନେଇ ବିଭିନ୍ନ ସଂଗଠନ ପକ୍ଷରୁ ଅଭିଯୋଗ ହେଉଛି। ବ୍ରହ୍ମପୁର ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ସହର। ତଥାପି ପ୍ରତ୍ୟେକ କ୍ଷେତ୍ରରେ ଏହାକୁ ଅବହେଳା କରାଯାଉଛି। ଗଞ୍ଜାମ, ଗଜପତି, ଫୁଲବାଣୀ ଓ ପଡୋଶୀ ଆନ୍ଧ୍ର ପ୍ରଦେଶ ସୀମାନ୍ତ ଅଞ୍ଚଳରେ ରହୁଥିବା ଲୋକମାନେ ବ୍ରହ୍ମପୁର ରେଳଷ୍ଟେଶନ ଉପରେ ନିର୍ଭର କରୁଛନ୍ତି। ଇଷ୍ଟକୋଷ୍ଟ ରେଳ ଜୋନ୍‌ରେ ଥିବା ରେଳ ଷ୍ଟେଶନଗୁଡିକ ମଧ୍ୟରେ ବ୍ରହ୍ମପୁର ଷ୍ଟେଶନରୁ ସର୍ବାଧିକ ରାଜସ୍ୱ ଆଦାୟ ହେଉଛି। ଏହା ସତ୍ତ୍ୱେ ମଧ ପ୍ରସ୍ତାବିତ ରେଳ ଡିଭିଜନ ନିର୍ମାଣ କରିବା ପାଇଁ ସରକାର କାହିଁକି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି ତାହା ସାଧାରଣରେ ଏକ ବଡ ପ୍ରଶ୍ନ ସୃଷ୍ଟି ହୋଇଛି। ସରକାର ରାୟଗଡା ଓ ଯାଜପୁରରେ ୨ଟି ରେଳ ଡିଭିଜନ ପାଇଁ କେନ୍ଦ୍ର ରେଳ ମନ୍ତ୍ରଣାଳୟକୁ ପ୍ରସ୍ତାବ ଦେଇଛନ୍ତି। ଅନ୍ୟପଟେ ରାୟଗଡା ତୁଳନାରେ ସାମାଜିକ, ଭୌଗୋଳିକ, ଆର୍ଥିକ ଗମନାଗମନ,ସ୍ୱାସ୍ଥ୍ୟ ଓ ବାଣିଜ୍ୟ ଭଳି ପ୍ରତ୍ୟେକ ଦୃଷ୍ଟିରୁ ବ୍ରହ୍ମପୁରରେ ରେଳ ଡିଭିଜନ ନିର୍ମାଣର ଆବଶ୍ୟକତା ରହିଛି। ତେଣୁ ବ୍ରହ୍ମପୁରରେ ନୂତନ ରେଳ ଡିଭିଜନ ସ୍ଥାପନ କରିବାକୁ ମାନବ ଅଧିକାର ସୁରକ୍ଷା ମଞ୍ଚ (ଏମଏଏସଏମ) ଆବାହକ ଅବନୀ କୁମାର ଗୟା ଦାବି କରିଛନ୍ତି। ସେ ଆହୁରି କହିଛନ୍ତି, ବ୍ରହ୍ମପୁର -ସମ୍ବଲପୁର ରେଳପଥ ନିର୍ମାଣ ପାଇଁ ୨୦୦୪ରେ ସର୍ଭେ ଆରମ୍ଭ କରାଯାଇ ୨୯୫୭ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। କୌଣସି କାରଣରୁ ଉକ୍ତ ରେଳପଥ ପ୍ରସ୍ତାବ ଅଟକି ରହିଛି। ନିକଟରେ ତାହା ଏବେ ବ୍ରହ୍ମପୁରଠାରୁ ସମ୍ବଲପୁର ବଦଳରେ ତାଳଚେର ରେଳପଥ ପାଇଁ ପ୍ରସ୍ତାବିତ ହୋଇଛି। ଏଥିପାଇଁ ୫ ଟନେଲ ସହ ୪୦ ବଡ ବ୍ରିଜ, ୧୫୪ ଛୋଟ ବ୍ରିଜ ୨୦ ଷ୍ଟେଶନ ରହିଛି। ଜଗନ୍ନାଥପୁର, କୁକୁଡାଖଣ୍ଡି, ହିଞ୍ଜିଳିକାଟୁ, ଆସିକା, ଖଣ୍ଡରାବଳି, ବାସୁଦେବପୁର, ଭଞ୍ଜନଗର, ମୁଜାଗଡ଼, ଫୁଲବାଣୀ, ଲାକରାପାଲ୍ଲୁ, ସୁନାମୁଣ୍ଡି, ମୁଣ୍ଡାପଡା, ବୌଦ୍ଧ, କଦଳୀଗଡ, ରେଢ଼ାଖୋଲ ଓ ତାଳଚେରେ ଅନ୍ତର୍ଭୁକ୍ତ ହୋଇଛି। ଏହି ରେଳପଥ ପିପିପି ମୋଡ଼ରେ କରାଯିବା ପାଇଁ ପ୍ରସ୍ତାବ ରଖାଯାଇଛି। ହେଲେ ଏହା ଏବେ ପ୍ରସ୍ତାବରେ ଅଟକି ଯାଇଛି ବୋଲି ଗୟା ସୂଚନା ଦେଇଛନ୍ତି। ଏହି ଦୁଇ ରେଳପଥ ନିର୍ମାଣ ହେବା ଦ୍ୱାରା ଗଞ୍ଜାମ,ଗଜପତି ଓ କନ୍ଧମାଳ ଅଞ୍ଚଳକୁ ଯାତାୟାତ ସୁଗମ ହୋଇପାରିବ ବୋଲି ସେ କହିଛନ୍ତି। ଅନ୍ୟପଟେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଗଞ୍ଜାମ ଜିଲା ପ୍ରତି ବୈମାତୃକ ମନଭାବ ଯୋଗୁ ଏଠାରେ କୌଣସି ବିକାଶ ହୋଇପାରୁନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ନିର୍ବାଚନ ସମୟରେ ଉଭୟ ରାଜ୍ୟ ଓ କେନ୍ଦ୍ରରେ ଶାସନ କରୁଥିବା ଶାସକଦଳ ଜିଲାର ସର୍ବାଙ୍ଗୀନ ବିକାଶ କରାଯିବ ବୋଲି ପ୍ରତିଶ୍ରୁତି ଦେଇ ପରେ ଜିଲାବାସୀଙ୍କୁ ପ୍ରତାରଣା କରିଥିବା ସେ ଅଭିଯୋଗ କରିଛନ୍ତି। ଜିଲାର ଏମ୍‌ପି ଓ ବିଧାୟକମାନେ ଏନେଇ ସରକାରଙ୍କ ନିକଟରେ ଦାବି କରୁନାହାନ୍ତି ବୋଲି ସେ କ୍ଷୋଭର ସହ କହିଛନ୍ତି। ବ୍ରହ୍ମପୁରରେ ରେଳ ଡିଭିଜନ ପ୍ରତିଷ୍ଠା ନେଇ ହାଇକୋର୍ଟରେ ପୂର୍ବରୁ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଛି। ରାଜ୍ୟ ଓ କେନ୍ଦ୍ର ସରକାର ଏଥିପ୍ରତି ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ମିଳିତ ଜନ ଆନ୍ଦୋଳନ ସହ ରେଳରୋକୋ କରାଯିବାକୁ ଏମ୍‌ଏଏସ୍‌ଏମ୍ ଆବାହକ ଗୟା ଚେତାବନୀ ଦେଇଛନ୍ତି।

**ଅବହେଳିତ ବ୍ରହ୍ମପୁର ରେଳଷ୍ଟେଶନ**

## ଜେଲ ଗଲେ କୋଟିପତି ଶିକ୍ଷକ

ବ୍ରହ୍ମପୁର ଅଫିସ,୧୫।୧୦

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ବ୍ରହ୍ମପୁର ଭିଜିଲାନ୍ସ ରଙ୍ଗେଇଲୁଣ୍ଡା ବ୍ଲକ ଝାଡ଼ାଙ୍କୋଲି ଯଶୋଦା ହାଇସ୍କୁଲର ହିନ୍ଦୀ ଶିକ୍ଷକ ଭୁବନାନନ୍ଦ ସାହୁଙ୍କୁ ଗିରଫକରି ଗୁରୁବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଅଭିଯୁକ୍ତ ଶିକ୍ଷକଙ୍କ ସ୍ତ୍ରୀଙ୍କ ନାମରେ ମଧ ମାମଲା ରଜୁ ହୋଇଥିବା ବେଳେ ସେ ଫେରାର ଥିବା ତଦନ୍ତକାରୀ ଅଧିକାରୀ ରେଣୁବାଳା ତ୍ରିପାଠୀ କହିଛନ୍ତି। ଶିକ୍ଷକ ସାହୁ ଓ ତାଙ୍କ ପରିବାରବର୍ଗଙ୍କ ନାମରେ ୪ କୋଟି ୩୬ ଲକ୍ଷ ୪୨ହଜାର ୮୬୭ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଥିବା ନେଇ ଭିଜିଲାନ୍ସ ବିଭାଗ ଆଲକନ କରିଛି। ବୁଧବାର ଶିକ୍ଷକ ସାହୁଙ୍କ ବୈକୁଣ୍ଠନଗର ଦ୍ୱିତୀୟ ଲାଇନରେ ଥିବା ଘର, ବ୍ରହ୍ମାନଗରସ୍ଥିତ ଘର, କୋଟଲିଙ୍ଗି ପୈତୃକ ଘର, ଚିକିଟି ଲକ୍ଷ୍ମୀପୁର ଘରୋଇ ସ୍କୁଲ, ଯଶୋଦା ହାଇସ୍କୁଲ ଅଫିସ୍, ଭୁବନେଶ୍ୱର, ପୁରୀରେ ଥିବା ତାଙ୍କର ବିଭିନ୍ନ ଘର ଉପରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ସାହୁଙ୍କୁ ମାମଲା ନମ୍ବର ୧୬/୨୦ ରେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ତ୍ରିପାଠୀ ସୂଚନା ଦେଇଛନ୍ତି।

## ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ସ୍ମାରକପତ୍ର

କୋରାପୁଟ,୧୫।୧୦(ସ୍ୱ.ପ୍ର.)


ଅଭିଭାବକମାନେ ଦାବିପତ୍ର ଦେଉଛନ୍ତି।

ଗୁରୁବାର ଓଡିଶା ଅଭିଭାବକ ମହାସଂଘ ଜିଲା ଶାଖା ପକ୍ଷରୁ ଛାତ୍ରୀଛାତ୍ରଙ୍କ ନାମଲେଖା ଫି' ଛାଡ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମଧୁସୂଦନ ମିଶ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ମହାସଂଘର କୋରାପୁଟ ଜିଲା ଶାଖା କନଭେନର ଦିଲୀପ ମହାନ୍ତିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ୧୫ ଲକ୍ଷ ପରିବାର ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ଓଡିଶାର ଅଣସଂରକ୍ଷିତ ଘରୋଇ ବିଦ୍ୟାଳୟରେ ଫି' ପାଇଁ ନିୟମାବଳୀ ଆଣିବାକୁ ମହାସଂଘ ଦାବି କରିଛି । ମହାମାରୀ କୋରନା ସମୟରେ ମୁଖ୍ୟମନ୍ତ୍ରୀ ଘରୋଇ ବିଦ୍ୟାଳୟଗୁଡିକୁ ଫି' ଛାଡ ପାଇଁ ପରାମର୍ଶ ଦେଇଥିଲେ । କେତେକ ବିଦ୍ୟାଳୟ ପରାମର୍ଶକୁ ଉଲ୍ଲଂଘନ କରିଥିବାରୁ ଅଭିଭାବକମାନେ ଚିନ୍ତାରେ ପଡିଛନ୍ତି। ଯେଉଁମାନେ ଫି' ବାନ୍ଧନାହାନ୍ତି ସଂପୃକ୍ତ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟରୁ ବାହାର କରିଦେବା ପାଇଁ ଅଭିଭାବକମାନଙ୍କୁ କୁହାଯାଉଛି। ବର୍ତ୍ତମାନ ଅନଲାଇନ କ୍ଲାସ ଚାଲିଥିଲେ ମଧ ଏଥିରେ ଅଧିକାଂଶ ଛାତ୍ରୀଛାତ୍ର ସାମିଲ ହୋଇପାରୁନାହାନ୍ତି। ରାଜ୍ୟ ଶିକ୍ଷା ବିଭାଗ ଏ ଦିଗରେ ପଦକ୍ଷେପ ନେବାକୁ ଅଭିଭାବକମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କିଛି ସମୟ ଗଣଧାରଣାରେ ବସିଥିଲେ। ପରେ ସେମାନେ ଜିଲାପାଳଙ୍କୁ ସ୍ମାରକପତ୍ର ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହାସଂଘର ସାଧାରଣ ସମ୍ପାଦକ ଅନୁପ କୁମାର ପାତ୍ର, ସହ ସଂପାଦକ ନିତ୍ୟାନନ୍ଦ ମହାନ୍ତି, ସହ କନଭେନର ସନ୍ତୋଷ ପଲାଇ, ପ୍ରମୋଦ କୁମାର ସେଠୀ, ସୁନ୍ଦର କୁମାର ପାଣି ପ୍ରମୁଖ ସାମିଲ ହୋଇଥିଲେ।

## ଜିଲା ଜଳବିଭାଜିକା ବିଭାଗ ପକ୍ଷରୁ ମହିଳା କୃଷକ ଦିବସ

କୋରାପୁଟ,୧୫।୧୦(ସ୍ୱ.ପ୍ର.)

କୋରାପୁଟ ଜିଲା ଜଳ ବିଭାଜିକା ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ଗ୍ରାମୀଣ ଦିବସ ଅବସରରେ ମହିଳା କୃଷକ ଦିବସ ସ୍ଥାନୀୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ପାଳିତ ହୋଇଯାଇଛି। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ଏହା ପାଳିତ ହୋଇଛି । ଡିଆରଡିଏର ଅତିରିକ୍ତ ପ୍ରକଳ୍ପ ଅଧିକାରୀ ମହେଶ୍ୱର ନାୟକ ମୁଖ୍ୟଅତିଥି, ଡେପୁଟି କଲେକ୍ଟର ଅର୍ଚ୍ଚନା ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହିଳା ଚାଷୀଙ୍କୁ ଗ୍ରାମୀଣ ଦିବସର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ସଫଳ ଚାଷୀଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା । ଜିଲା ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଭବାନୀ ଶଙ୍କର କାଲୋ ପରିଚାଳନା କରିଥିଲେ। ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ନରସିଂହ ନାୟକ ସଂଯୋଜନା କରିଥିଲେ ।

## ମନ୍ଦିର ଖୋଲିବା ନେଇ ପ୍ରସ୍ତୁତି ବୈଠକ

ଡାବୁଗାଁ, ୧୫।୧୦ (ଡି.ଏନ୍.ଏ.)

ଡାବୁଗାଁ ତହସିଲଦାର ଡା. ଉମେଶ କୁମାର ପୂଜାରୀଙ୍କ ଅଧ୍ୟକ୍ଷତାରେ ମନ୍ଦିର ଖୋଲିବା ନେଇ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ଏଥିରେ ଡାବୁଗାଁ ବ୍ଲକର ବିଭିନ୍ନ ମନ୍ଦିର, ମସ୍‌ଜିଦ ଓ ଚର୍ଚ୍ଚ ଖୋଲିବା ପାଇଁ ଆଲୋଚନା ହୋଇଥିଲା। ସରକାରଙ୍କ କୋଭିଡ୍-୧୯ ନିୟମାନୁଯାୟୀ ଯଥା ସମସ୍ତ ଭକ୍ତ ମାସ୍କ ପିନ୍ଧିବା, ହାତକୁ ସାନିଟାଇଜ କରିବା, ଧର୍ମାନୁଷ୍ଠାନଗୁଡିକ ଖୋଲିବା ପୂର୍ବରୁ ଓ ବନ୍ଦ ହେବା ପରେ ସାନିଟାଇଜ୍ କରିବାକୁ ଆଲୋଚନା ହୋଇଥିଲା। ଏହାସହ ବିଭିନ୍ନ ମନ୍ଦିରରେ ପ୍ରତ୍ୟକ ସୋମବାର ଭକ୍ତମାନଙ୍କ ଗହଳିକୁ ନଜରରେ ରଖି ପୋଲିସ ସୁରକ୍ଷା ଯୋଗାଇ ଦେବା ପାଇଁ ମତ ପ୍ରକାଶ ପାଇଥିଲା। ଧର୍ମାନୁଷ୍ଠାନର କର୍ମକର୍ତ୍ତାମାନେ ଉକ୍ତ ନିୟମ ପାଳନ କରାଯିବ ନେଇ ସହମତ ହୋଇଥିଲେ। ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଜି.ସାଇ ରାଜୁ, ଦେବରାଜ ପାତ୍ର, ସୀମାଞ୍ଚଳ ଦାସ, ଯୁରେଶ୍ୱର ପଣ୍ଡା, ଏମ୍. ୟାସିନ, ଏସ୍.ଏନ ବାରି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

**ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ନବରଙ୍ଗପୁର**
**ବିଜ୍ଞାପନ**
ବିଜ୍ଞାପନ ୨୦୮୧ /୨୦୨୦ ତା୧୩।୧୦।୨୦୨୦
ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁରଙ୍କ Quotation Call Notice No.2079 Dated 13.10.2020 ପ୍ରକାରେ MAHINDRA BOLERO ZLX ଗାଡି ମାସିକ ଭଡା ସୂତ୍ରରେ ନେବା ପାଇଁ ଆବଶ୍ୟକୀୟ ଟେଣ୍ଡର ଆହ୍ୱାନ କରୁଅଛୁ। ଏଣୁ ଇଚ୍ଛୁକ ଗାଡି ମାଲିକମାନେ www.nabarangpur.nic.in ୱେବ୍‌ସାଇଟକୁ ଯାଇ ତା୧୫।୧୦।୨୦୨୦ରିଖଠାରୁ ତା୨୯।୧୦।୨୦୨୦ରିଖ ପର୍ଯ୍ୟନ୍ତ ଦସ୍ତାବିଜ୍ Download କରି ତା୦୨।୧୧।୨୦୨୦ରିଖ ମଧ୍ୟରେ ଟେଣ୍ଡର କେବଳ ରେଜେଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁରକୁ ପଠାଇପାରିବେ । ଏଥିରେ କୌଣସି ବ୍ୟତିକ୍ରମ ହେଲେ R.M.C. କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
ସ୍ୱା./-ଅଧକ୍ଷ, ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର

## ୨ ଲକ୍ଷ ଟଙ୍କାର କାଠ ଜବତ, ୨ଗିରଫ

ମାଲକାନଗିରି,୧୫।୧୦ (ଡି.ଏନ୍.ଏ.)


ଜବତ ହୋଇଥିବା କାଠ ।

**ବନ ବିଭାଗ ପକ୍ଷରୁ ୨ ସ୍ଥାନରେ ଚଢାଉ**

ମାଲକାନଗିରି ଜିଲା ଡିଏଫ୍‌ଓ ପ୍ରଦୀପ ଦେବିଦାସ ମିରାଶେଙ୍କ ନିର୍ଦ୍ଦେଶରେ ଗୁରୁବାର ମାଲକାନଗିରି ବନାଞ୍ଚଳ ଅଧିକାରୀଙ୍କ ସହ ୨୦ରୁ ଉର୍ଦ୍ଧ୍ୱ କର୍ମଚାରୀ ମାଲକାନଗିରି ସଦର ମହକୁମା ଆଶୀର୍ବାଦ କଲୋନୀର ଶ୍ରୀହରି ନାଗଙ୍କ ଘରେ ଚଢାଉ କରିଥିଲେ। ଚଢାଉ ବେଳେ ଅର୍ଦ୍ଧନିର୍ମିତ ପଲଙ୍କ, ସୋଫା ସେଟ, ମୂଲ୍ୟବାନ ସାଇଜ କାଠ ଓ ପଟ୍ଟା ଜବତ ହୋଇଛି। ସେହିପରି ଦୁର୍ଗାଗୁଡି ସାହିର ଅନ ମହାରଣାଙ୍କ ଘରେ ଚଢାଉ କରାଯାଇ ବିପୁଳ ପରିମାଣର ମୂଲ୍ୟବାନ ସାଇଜ ପଟା କାଠ ଓ ଅର୍ଦ୍ଧନିର୍ମିତ କାଠ ସାମଗ୍ରୀ ଜବତ କରାଯାଇଛି। ଶ୍ରୀହରି ନାଗ ଓ ଅନ ମହାରଣାଙ୍କୁ ଗିରଫ କରାଯାଇଛି। ଜବତ କାଠର ବଜାର ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ କହିଛନ୍ତି। ବନପାଳ ମୁରଲିଧର ଅନୁଗୁଳିଆ, ଦିବାକର ଜେନା, ମୋହନ ଗୁଡିଆ, ରାଜେଶ କୁମାର ସେଠୀ, ରବି ନାରାୟଣ ଖଣ୍ଡୁଆଳ, ହୃଷିକେଶ ପାଣିଗ୍ରାହୀ, ସୁରେନ୍ଦ୍ର କୁମାର ଦେହୁରି, ସଚ୍ଚିଦାନନ୍ଦ ଜେନା, ଅର୍ଜୁନ ବଟେ, ସୁରେଶ କୁଆସି, ମନତୋଷ ଦେ, ସୁଧୀର କୁମାର ମୁର୍ମୁ ପ୍ରମୁଖ ଚଢାଉରେ ଅଂଶଗ୍ରହଣ କରଥିଲେ।

## ୬କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ, ଜଣେ ଗିରଫ

ସୁନାବେଡା, ୧୫।୧୦(ସ୍ୱ.ପ୍ର.)

ସୁନାବେଡ଼ା ପୋଲିସ ପାଟ୍ରୋଲିଂ ସମୟରେ କଛିକା ଛକ ନିକଟରେ ଏକ ପିକ୍‌ଅପ୍ ଭ୍ୟାନ୍‌ରୁ ୬କ୍ୱିଣ୍ଟାଲ ୯୦ କେଜି ଗଞ୍ଜେଇ ଜବତ କରିଛି। ଏହାର ବଜାର ମୂଲ୍ୟ ୭୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ପାଟ୍ରୋଲିଂ ବେଳେ ପୋଲିସ ସନ୍ଦେହରେ ଏହି ଭ୍ୟାନ୍ (ଓଡି ୦୧ ସିୱାଇ- ୬୬୮୯)କୁ ଅଟକାଇ ଯାଞ୍ଚ କରିବାରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଏଥିରେ ସମ୍ପୃକ୍ତ ଜଣକୁ ଘଟଣାସ୍ଥଳରୁ ଗିରଫ କରାଯାଇଛି। ସେ ହେଲେ ନୀତେଶ କୁମାର ଗୁପ୍ତା। ତାଙ୍କ ଘର ଝାଡ଼ଖଣ୍ଡ ଅଞ୍ଚଳରେ ବୋଲି ଥାନା ଅଧିକାରୀ ଭୀମସେନ ନାୟକ କହିଛନ୍ତି। ଏନେଇ କେସ୍ ନଂ. ୧୪୯/୨୦ରେ ମାମଲା ରୁଜୁ କରାଯାଇ ନୀତେଶଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛ।

## ଆର୍‌ବିଇ ନଂ ୮୩ କୁ ଷ୍ଟେଶନ ମାଷ୍ଟରଙ୍କ ବିରୋଧ

କୋରାପୁଟ,୧୫।୧୦(ସ୍ୱ.ପ୍ର.)

ଆରବିଇ ୮୩/୨୦ ନିୟମକୁ କୋରାପୁଟରେ ଷ୍ଟେଶନ ମାଷ୍ଟରମାନେ ବିରୋଧ କରିଛନ୍ତି। ଏହି ନିୟମ ଅନୁଯାୟୀ ରାତ୍ରକାଳୀନ ଡ୍ୟୁଟି କରୁଥିଲେ ଜଣେ କର୍ମଚାରୀ ରାତ୍ରି ଡ୍ୟୁଟି ଭତ୍ତା ପାଇବାକୁ ହେଲେ ତାଙ୍କ ସର୍ବନିମ୍ନ ଦରମା ୪୩୬୦୦ ରଖାଯାଇଛି। ଏହାକୁ ଅଲଇଣ୍ଡିଆ ଷ୍ଟେସନ ମାଷ୍ଟର ଆସୋସିଏଶନ ପକ୍ଷରୁ ବିରୋଧ କରାଯାଇଛି। ରାଜ୍ୟ ସଂଘର ନିର୍ଦ୍ଦେଶରେ କୋରାପୁଟ ରେଳ ଷ୍ଟେସନଠାରେ ମଧ ଗୁରୁବାର ରାତି ୭ଟାରୁ ୯ଟା ପର୍ଯ୍ୟନ୍ତ ଷ୍ଟେସନ ମାଷ୍ଟର ଓ ସହକାରୀ ଷ୍ଟେସନ ମ୍ୟାନେଜରମାନେ ମହମବତୀ ଜାଳି ବିରୋଧ ପ୍ରଦର୍ଶନ କରିଥିଲେ। କୋଭିଡ ପରିପେକ୍ଷୀରେ ସମସ୍ତେ ମାସ୍କ ପିନ୍ଧି ଓ ସମାଜିକ ଦୂରତା ଅବଲମ୍ବନ କରି ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରିଥିଲେ ବୋଲି ଷ୍ଟେସନ ମ୍ୟାନେଜର ଏନକେ ଭିତିରିଆ କହିଛନ୍ତି।

## ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ନୋଟିସ

କଟକ ଅଫିସ,୧୫।୧୦

- ବଗଲା ଧର୍ମଶାଳା ଜମି ବିକ୍ରି ଅଭିଯୋଗ ମାମଲା
- ନଭେମ୍ବର ୨ରେ ମାମଲାର ପରବର୍ତ୍ତୀ ଶୁଣାଣି

ପୁରୀ ବଗଲା ଧର୍ମଶାଳା ଜମି ବିକ୍ରି ଅଭିଯୋଗ ମାମଲାର ଶୁଣାଣି ଗୁରୁବାର ହାଇକୋର୍ଟରେ ହୋଇଥିଲା। ଏହି ମାମଲା ଉପରେ ରାଜ୍ୟ ସରକାର ଜବାବ ଦାଖଲ କରିବାକୁ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ମହମ୍ମଦ ରଫିକ୍ ଓ ବିଚାରପତି ଜଷ୍ଟିସ ବି.ଆର୍ ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ନୋଟିସ ଜାରି କରିଛନ୍ତି। ଆସନ୍ତା ନଭେମ୍ବର ୨ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସେହିପରି ଉକ୍ତ ପ୍ରସଙ୍ଗକୁ ନେଇ ଜଗନ୍ନାଥ ବସ୍ତିଆ ହାଇକୋର୍ଟରେ ଏକ ମାମଲା ରୁଜୁ କରିଛନ୍ତି। ପରେ ବସ୍ତିଆଙ୍କ ପକ୍ଷରୁ ଏକ ମିସ୍‌କେସ୍ ମଧ କରାଯାଇଛି। ଏହି ଦୁଇଟି ମାମଲାର ଶୁଣାଣି ଏକ ସଙ୍ଗରେ ହେବ ବୋଲି ହାଇକୋର୍ଟଙ୍କ ପକ୍ଷରୁ କୁହାଯାଇଛି।

ବଗଲା ଧର୍ମଶାଳା ଜମି ବିକ୍ରିକୁ ନେଇ ଭାଜପା ନେତା ତଥା ରାଷ୍ଟ୍ରୀୟ ପ୍ରବକ୍ତା ଡ. ସମ୍ବିତ୍ ପାତ୍ର ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ସେ ତାଙ୍କ ପିଟିଶନରେ ଉଲ୍ଲେଖ କରିଥିଲେ, ଧର୍ମଶାଳାର ନବୀକରଣ ହେବ ବୋଲି ସ୍ଥିର ହୋଇଥିଲା। ପରବର୍ତ୍ତୀ ସମୟରେ ଶ୍ରୀଜଗନ୍ନାଥ ବିଶ୍ରାମସ୍ଥଳି କରାଯିବ ବୋଲି ଯୋଜନା ହେବା ସହିତ ଏହାର ଟେଣ୍ଡର ଆଇଟିଡିସିକୁ ପ୍ରଦାନ କରାଯାଇଥିଲା। ଏହି ସମୟରେ ସମସ୍ତ ବିଭାଗକୁ ଏନ୍‌ଓସି ମଗାଯାଇଥିଲା। ତେବେ ମନ୍ଦିର ପରିଚାଳନା କମିଟି ଏହା ଅମୃତମଣୋହି ସମ୍ପତ୍ତି ବୋଲି ଦର୍ଶାଇବା ସହିତ ସାବକ ରେକର୍ଡ ଅନୁଯାୟୀ ପ୍ଲଟ୍ ନଂ. ୯୦, ୯୧, ୯୨, ୯୩, ୯୪ ଓ ୯୭ରେ ୩ ଏକର ୧୯୦ ଡିସିମିଲ ଜମି ରହିଛି ବୋଲି କହିଥିଲା। ହେଲେ ହାଲ୍ ରେକର୍ଡରେ ଜମିର ପରିସୀମା ୨ ଏକର ୫୭୪ ଡିସିମିଲ ରହିଛି। ଇତି ମଧ୍ୟରେ ୬୧୬ ଡିସିମିଲ ଜମି ଗାଏବ ହୋଇସାରିଲାଣି। ପୁରୀ ଜିଲା ପ୍ରଶାସନ ପ୍ରାଥମିକ ପର୍ଯ୍ୟାୟରେ ଉକ୍ତ ଜମି ଲଜିଂ ଫଣ୍ଡ୍ ହାଉସ କମିଟି ଅଧୀନରେ ରହିଛି ବୋଲି ଦର୍ଶାଇ ଏହାକୁ ବିକ୍ରି କରିବା ପାଇଁ ଚେଷ୍ଟା କରିଛି। ଏହାକୁ ପରବର୍ତ୍ତୀ ସମୟରେ ପୁରୀ ମ୍ୟୁନିସିପାଲିଟିକୁ ଦିଆଯାଇଥିଲା। ସେଠାରୁ ଅର୍ବାନ ଡେଭଲପମେଣ୍ଟ ଡିପାର୍ଟମେଣ୍ଟକୁ ସ୍ଥାନାନ୍ତର କରାଯାଇଥିଲା। ପରେ ରେଭିନ୍ୟୁ ଡିପାର୍ଟମେଣ୍ଟକୁ ଦିଆଯିବା ସହିତ ରିଲିଫ ଆଣ୍ଡ ରିହାବିଲିଟେଶନ ଡିପାର୍ଟମେଣ୍ଟକୁ ଦିଆଯାଇ ୫ଟି ପ୍ଲଟ କରି ଏହାକୁ ବିକ୍ରି କରିଦିଆଯାଇଛି ବୋଲି ପୂର୍ବରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଡ. ପାତ୍ର କହିଥିଲେ। ଡ. ପାତ୍ରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ଏହି ମାମଲା ପରିଚାଳନା କରୁଛନ୍ତି।

## ଅବକାରୀ ଚଢ଼ାଉ, ୫ ଗିରଫ

ମାଲକାନଗିରି/କୋରୁକୋଣ୍ଡା,୧୫।୧୦ (ଡି.ଏନ୍.ଏ.)

ଦେଶୀ ମଦ ଓ ଗଞ୍ଜେଇ ଚାଲାଣ ଅଭିଯୋଗରେ ମାଲକାନଗିରି ଜିଲା ଅବକାରୀ ବିଭାଗ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ରାମ ଚୌଧୁରୀ, ମୋତି ପୂଜାରୀ, ଧନ ମୁଦୁଲି, ଗୋପୀ ଚାଲାଣ, ସନ୍ତୋଷ ମାଥିଲିଆ। ଜିଲା ଅବକାରୀ ଅଧୀକ୍ଷକ ଅଶୋକ କୁମାର ସେଠଙ୍କ ନେତୃତ୍ୱରେ ମାଥିଲି ଥାନା ଅନ୍ତର୍ଗତ ମୁଣ୍ଡିଗୁଡାଠାରେ ରାମ ଏକ ବସ୍ତାରେ ୨୨ କେଜି ଗଞ୍ଜେଇ ନେଉଥିବା ବେଳେ ବିଭାଗୀୟ କର୍ମଚାରୀ ତାଙ୍କଠାରୁ ଜବତକରି ତାଙ୍କୁ ଗିରଫ କରିଥିଲେ। ସେହିପରି ମାଥିଲି ଥାନା ବାରିଆବାହାଲ ଜଙ୍ଗଲରେ କେତେଜଣ ବ୍ୟକ୍ତି ଦେଶୀ ମଦ ରାନ୍ଧି ଚଲାଣ କରୁଥିବା ସମୟରେ ଅବକାରୀ ବିଭାଗ କର୍ମଚାରୀ ଚଢାଉ କରି ୪ଜଣଙ୍କୁ ଗିରଫ କରିଥିଲେ। ଏଠାରୁ ୧୫୦ ଲିଟର ଦେଶୀ ମହୁଲି ମଦ ଜବତ କରିବା ସହ ୩ଶହ ଲିଟର ପୋଚ ନଷ୍ଟ କରିଦେଇଥିଲେ।

## କୃଷି ବିଲ୍ ବିରୋଧରେ ୭ ବ୍ଲକ୍‌ରେ ହେବ ଆନ୍ଦୋଳନ

ମାଲାକନଗିରି,୧୫।୧୦ (ଡି.ଏନ୍.ଏ.)


ସମାବେଶରେ ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀ।

**କଂଗ୍ରେସର ସମାବେଶ**

ମାଲକାନଗିରି ଜିଲା କଂଗ୍ରେସ ପକ୍ଷରୁ ଗୁରୁବାର ଏକ ସମାବେଶ ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ପ୍ରଭାରୀ ଦାୟିତ୍ୱରେ ଥିବା ପୂର୍ବତନ ବିଧାୟକ ଭୁଜବଳ ମାଝିଙ୍କ ନେତୃତ୍ୱରେ ହୋଇଥିବା ଏହି ସମାବେଶରେ ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, କାର୍ଯ୍ୟକାରୀ ସଭାପତି ରାମପ୍ରସାଦ ପଟ୍ଟନାୟକ, ମାଥିଲି ବ୍ଲକ ଅଧକ୍ଷ ଲକ୍ଷ୍ମୀପ୍ରିୟା ନାୟକ, କାଳିମେଳା ବ୍ଲକ ଅଧକ୍ଷ ମାଲା ମାଢି, ମହିଳା ନେତ୍ରୀ କମଳା ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ସମାବେଶରେ ମୁଖ୍ୟତଃ କେନ୍ଦ୍ର ସରକାରଙ୍କ ଚାଷୀମାରଣ ନୀତିକୁ ବିରୋଧ କରାଯାଇଥିଲା। ଆସନ୍ତା ୫ରୁ ୧୧ ପର୍ଯ୍ୟନ୍ତ ଜିଲାର ୭ଟିଯାକ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ, ବିକ୍ଷୋଭ ପ୍ରଦର୍ଶନ କରାଯିବ। ମାଲକାନଗିରି ଜିଲା ବନ୍ଦ ଡାକରା ଦେବାକୁ ନିଷ୍ପତ୍ତି ହୋଇଛି। ମୋଦି ସରକାର ତାଙ୍କର ୩ଟି କୃଷି ଓ କୃଷକ ବିରୋଧୀ ବିଲ୍‌କୁ ରଦ୍ଦ କରିବା, ନୂତନ ବିଲ୍ ୨୦୨୦କୁ ପ୍ରତ୍ୟାହାର ନ କରିବା ଯାଏ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ଜାରି ରହିବ । ଜି. ଶ୍ରୀନିବାସ ରାଓ, ଛବି ଦାସ, ପଦ୍ମ ପାଙ୍ଗୀ, ଲକ୍ଷ୍ମୀ ମହାରଣା, ପ୍ରଭାକର ପାଳ, ପର୍ଶୁରାମ ଭକ୍ତଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଆର୍‌ଏମ୍‌ସି କ୍ୟାଶିୟର ଭିଜିଲାନ୍ସ କୋର୍ଟରେ ହାଜର

ନବରଙ୍ଗପୁର,୧୫।୧୦(ବି.ପ୍ର.)-ଆୟ ବହର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଭିଜିଲାନ୍ସ ଜାଲରେ ପଡ଼ିଥିବା ନବରଙ୍ଗପୁର ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି) କାର୍ଯ୍ୟାଳୟ କ୍ୟାଶିୟର ଅଶୋକ କୁମାର ନନ୍ଦଙ୍କୁ ଗୁରୁବାର ଗିରଫ କରାଯାଇଛି। ଏହାପରେ ତାଙ୍କୁ ଜୟପୁରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଛି। ପ୍ରକାଶ ଯେ, ନବରଙ୍ଗପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ବୁଧବାର ନନ୍ଦଙ୍କ ଇଛାବତୀଗୁଡ଼ା, ଭାଟିଶାଳଗୁଡ଼ାସ୍ଥିତ ୨ମହଲା ଘର ଏବଂ ଆର୍‌ଏମ୍‌ସି କାର୍ଯ୍ୟାଳୟରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଯାଞ୍ଚବେଳେ ୧ କୋଟି ୨୫ ଲକ୍ଷ ୬୩ ହଜାର ୭୧୩ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ଏ ନେଇ ୨୪/୨୦ରେ ମାମଲା ରୁଜୁ କରାଯାଇଛି।

### ୪ ଦିନରେ ୧୧୨୬ ଲିଟର ଦେଶୀମଦ ନଷ୍ଟ, ୩ ଗିରଫ

ରାୟଗଡ଼ା ଅଫିସ,୧୫।୧୦-ରାୟଗଡ଼ା ଜିଲାରେ ଦେଶୀ ମଦ କାରବାର ବୃଦ୍ଧିପାଉଛି। ଏହାକୁ ରୋକିବା ପାଇଁ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ନିର୍ଦ୍ଦେଶରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିଛି। ଅବକାରୀ ଏସ୍‌ପି ଦଣ୍ଡପାଣି ବେହେରା ଏବଂ ବିଭାଗୀୟ କର୍ମଚାରୀମାନେ ଜିଲାର ଦୁର୍ଗମ ଅଞ୍ଚଳ ସହ ସୀମାନ୍ତ ଅଞ୍ଚଳରେ ଚଢ଼ାଉ କରି ବିପୁଳ ପରିମାଣରେ ଦେଶି ରନ୍ଧା ମଦ ଏବଂ ମହୁଲ ପୋଚ ଜବତ କରିଛନ୍ତି। ୮ ରୁ ୧୧ ତାରିଖ ମଧ୍ୟରେ ଜିଲାର ଗୁଡାରି, ଅମ୍ବାଦଲା, ଚାନ୍ଦିଲି ଏବଂ ରାୟଗଡ଼ା ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ୧୧୨୬ ଲିଟର ଦେଶି ରନ୍ଧାମଦ ଏବଂ ୬୬୫୦ ଲିଟର ମହୁଲ ପୋଚ ଜବତ ସହ ନଷ୍ଟ କରାଯାଇଛି। ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରାଯାଇଥିବା ଅବକାରୀ ଏସ୍‌ପି ସୂଚନା ଦେଇଛନ୍ତି।

### ୨ ଜିଲାରୁ ୬୨ କରୋନା ଆକ୍ରାନ୍ତ ଚିହ୍ନଟ

କୋରାପୁଟ/ମାଲକାନଗିରି, ୧୫।୧୦ (ସ୍ୱ.ପ୍ର./ଡି.ଏନ.ଏ.)-କୋରାପୁଟ ଓ ମାଲକାନଗିରି ଜିଲାରୁ ଗୁରୁବାର ୬୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। କୋରାପୁଟ ଜିଲାରୁ ୩୨ ଜଣ ନୂତନ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ମାଲକାନଗିରି ଜିଲାରୁ ୩୦ ଜଣ ଚିହ୍ନଟ ହୋଇଛନ୍ତି। କୋରାପୁଟ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୭୬୩କୁ ବୃଦ୍ଧି ପାଇଛି। ଚିହ୍ନଟ ୩୨ ଜଣଙ୍କ ମଧ୍ୟରେ ଜୟପୁର ମ୍ୟୁନିସିପାଲିଟିରୁ ୬ ଜଣ, ସୁନାବେଡା ମ୍ୟୁନିସିପାଲିଟିରୁ ୬, କୋରାପୁଟ, ଜୟପୁର,କୋଟପାଡ, ବୈପାରିଗୁଡା ଓ ସେମିଲିଗୁଡା ବ୍ଲକରୁ ଜଣେ ଲେଖାଏ, ବୋରିଗୁମ୍ମା ବ୍ଲକରୁ ୩, କୁନ୍ଦୁରା ବ୍ଲକରୁ ୪,ଲକ୍ଷ୍ମୀପୁର ବ୍ଲକରୁ ୩, ପଟ୍ଟାଙ୍ଗୀ ବ୍ଲକରୁ ୫ ଜଣ ସଂକ୍ରମିତ ହୋଇଥିବା ଜିଲାପାଳ ମଧୁସୂଦନ ମିଶ୍ର ସୂଚନା ଦେଇଛନ୍ତି। ସେହିପରି ମାଲକାନଗିରି ଜିଲାରୁ ଗୁରୁବାର ୩୦ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୩୪୦ରେ ପହଞ୍ଚିଛି। ମାଲକାନଗିରି ପୌର ପରିଷଦ ଅଞ୍ଚଳରୁ ୭ ଜଣ, ବାଲିମେଳା ଏନ୍‌ଏସିରୁ ଜଣେ, ମାଲକାନଗିରି ଓ କାଲିମେଳା ବ୍ଲକରୁ ୫ ଜଣ ଲେଖାଏ, ପଡିଆ ବ୍ଲକରୁ ୮, କୋରୁକୋଣ୍ଡା ବ୍ଲକରୁ ଜଣେ, ଖଇରପୁଟ ବ୍ଲକରୁ ୩ ଜଣ ଚିହ୍ନଟ ହୋଇଥିବା ଜିଲାପାଳ ମନୀଷ ଅଗ୍ରୱାଲ ସୂଚନା ଦେଇଛନ୍ତି।

# ଗଣବଳାତ୍କାରୀଙ୍କୁ ଫାଶୀ ଦାବିକଲା ଆଦିବାସୀ ମହାସଂଘ, ସିପିଆଇ (ଏମ୍)

ମାଲକାନଗିରି,୧୫।୧୦ (ଡି.ଏନ୍.ଏ.)



ଅଭିଯୁକ୍ତଙ୍କୁ ଫାଶୀଦେବାକୁ ଦାବି କରି ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା।

ମାଲକାନଗିରି ଜିଲା ସଦର ମହକୁମାରେ ଜଣେ ବିବାହିତା ଆଦିବାସୀ ମହିଳା ଗଣବଳାତ୍କାରର ଶିକାର ହୋଇଥିଲେ। ଏହି ଘଟଣାରେ ଜଡିତ ଅଭିଯୁକ୍ତଙ୍କୁ ଫାଶୀ ଦେବାକୁ ଦାବି କରିଛି ଆଦିବାସୀ ମହାସଂଘ ଓ ସିପିଆଇ(ଏମ୍)। ଜିଲା ସିପିଆଇ (ଏମ୍), ଆଦିବାସୀ ସମାଜ ମହାସଂଘ ସହ ୪ଟି ସଂଘ ଗୁରୁବାର ଏନେଇ ଗଣ ବିକ୍ଷୋଭ ପ୍ରଦର୍ଶନ କରି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଗତ ମେରେ ଏହି ଘଟଣା ଘଟିଥିଲା। ସମ୍ପୃକ୍ତା ମହିଳାଙ୍କୁ ବଳାତ୍କାର କରି ଅଭିଯୁକ୍ତମାନେ ବିଭିନ୍ନ ମାରଣାସ୍ତ୍ରରେ ତାଙ୍କୁ କ୍ଷତବିକ୍ଷତ କରି ଫୋପାଡି ଦେଇଥିଲେ। ଫଳରେ ପୀଡିତାଙ୍କ ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ମେ ୯ରେ ତାଙ୍କ ସ୍ୱାମୀ ମାଲକାନଗିରି ଥାନାରେ ଏତଲା ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପୋଲିସ ବଳାତ୍କାରୀ ତଥା ହତ୍ୟାକାରୀଙ୍କ କୌଣସି ସନ୍ଧାନ ପାଇନାହିଁ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ଅପରାଧୀଙ୍କୁ ଗିରଫ କରିବା ଲାଗି ମହାସଂଘ ଓ ସିପିଆଇ (ଏମ୍) ଦାବି କରିଛି।

ସେହିପରି ଅନ୍ୟ ଏକ ଘଟଣା ଏମ୍‌ଭି-୧୪ ଗ୍ରାମରେ ଘଟିଥିଲା। ଏଠାରେ ଥିବା ମହାବୀର ଚାଉଳ ମିଲରେ କାର୍ଯ୍ୟରତ ଜଣେ ୧୪ ବର୍ଷର ଆଦିବାସୀ ନାବାଳିକା ଗଣ ବଳାତ୍କାରର ଶିକାର ହୋଇଥିଲେ। ଅଭିଯୁକ୍ତମାନେ ତାଙ୍କୁ ବଳାତ୍କାର ପରେ ହତ୍ୟା କରି ନିକଟସ୍ଥ ଏକ ଗଛରେ ଝୁଲାଇ ଏହାକୁ ଆତ୍ମହତ୍ୟା ରୂପ ଦେଇଥିଲେ। ଏହାର ମଧ୍ୟ ଏଯାଏ ଉପଯୁକ୍ତ ତଦନ୍ତ ହୋଇନାହିଁ କି ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ସଫଳ ହୋଇନାହିଁ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ବଳାତ୍କାରୀଙ୍କୁ ଫାଶି ଦେବାକୁ ଦାବି ହୋଇଛି। ଉତ୍ତର ପ୍ରଦେଶର ହାଥରସଠାରେ ଜଣେ ୧୯ ବର୍ଷର ଯୁବତୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ମଧ୍ୟ ଫାଶୀ ଦେବାକୁ ଆଦିବାସୀ ସଂଘ ଓ ସିପିଆଇ(ଏମ୍) ଦାବି କରିଛି। ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ବିକ୍ଷୋଭ କାର୍ଯ୍ୟକ୍ରମରେ ସିପିଆଇ(ଏମ୍) ଆବାହକ ବ୍ରଜ ମାଝି, ଭୂପେଶ, ଘନଶ୍ୟାମ ମାଡକାମି, ଘେନୁ ମୁଦୁଲି ଏବଂ ଆଦିବାସୀ ସଂଘର ସମସ୍ତ କର୍ମକର୍ତ୍ତାଙ୍କ ସହ ୧ ହଜାରରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ସାମିଲ ହୋଇଥିଲେ।

## ବର୍ଷାରେ ଭୁଶୁଡ଼ିଲା ହୋଟେଲ କାନ୍ଥ: ୨ ଗୁରୁତର

ରାୟଗଡ଼ା ଅଫିସ,୧୫।୧୦

ଲଘୁଚାପ ଜନିତ ଲଗାଣ ବର୍ଷାରେ ରାୟଗଡ଼ା ସହରସ୍ଥିତ ମହାଲକ୍ଷ୍ମୀ ହୋଟେଲର କାନ୍ଥ ଭୁଶୁଡ଼ି ପଡ଼ିଛି। ଏଥିରେ ହେଟେଲ ମାଲିକ ଏବଂ କର୍ମଚାରୀ ଗୁରୁତର ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଦୁଇଦିନ ଧରି ବର୍ଷା ଯୋଗୁ ବୁଧବାର ରାତିରେ ହୋଟେଲର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ହେଟେଲ କାମ ସରିବା ପରେ ମାଲିକ ବିରଞ୍ଚି ନାରାୟଣ ଶତପଥୀ ଏବଂ କର୍ମଚାରୀ ଖାଇବା ସମୟରେ ହଠାତ କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଏଥିରେ ସେମାନେ ଭୟବିତ ହୋଇ ଚିତ୍କାର କରିବା ସହ ବାହାରକୁ ଦୌଡ଼ିଥିଲେ। ସ୍ଥାନୀୟ ଲୋକେ ଗୁରୁତର ମାଲିକ ଏବଂ କର୍ମଚାରୀଙ୍କୁ ଆମ୍ବୁଲାନ୍ସ ସହାୟତାରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। କାନ୍ଥ ଭୁଶୁଡ଼ିବା ଯୋଗୁ ହୋଟେଲରେ ଥିବା ବହୁ ସାମଗ୍ରୀ ନଷ୍ଟ ହୋଇଥିବା ଜଣାପଡ଼ିଛି।

# ଆନ୍ଦୋଳନକାରୀଙ୍କ ସହ ଆଲୋଚନା କଲେ ଜିଲାପାଳ, ଏସ୍‌ପି

ନବରଙ୍ଗପୁର,୧୫।୧୦ (ବି.ପ୍ର.)

କୋଭିଡ୍ ହସ୍ପିଟାଲରେ ସୁବିଧା ଯୋଗାଇବା ଦାବିରେ ନବରଙ୍ଗପୁର ଜିଲା ମିଡ଼ିଆ ୟୁନିୟନ ପକ୍ଷରୁ ଚାଲିଥିବା ଧାରଣାର ଚତୁର୍ଥ ଦିନରେ ପହଞ୍ଚିଛି। ଗୁରୁବାର ଜିଲାପାଳ ଡ଼ ଅଜିତ କୁମାର ମିଶ୍ର, ଏସ୍‌ପି ନୀତିନ କୁସାଲ୍‌କର ଓ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ପ୍ରମୁଖ ଧାରଣାସ୍ଥଳକୁ ଆସି ଖବରଦାତାଙ୍କ ସହ ଆଲୋଚନା

**ଧାରଣାରୁ ହଟିବାକୁ ଅନୁରୋଧ**

କରିଥିଲେ। ସେମାନଙ୍କ କରି ୪ ଦଫା ଦାବିରୁ ୩ଟି ପୂରଣ ହୋଇଛି। କୋଭିଡ୍ ହସ୍ପିଟାଲରେ ଭେଣ୍ଟିଲେଟର ବ୍ୟବସ୍ଥା କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସଚିବଙ୍କ ସହ ଆଲୋଚନା ଚାଲିଥିବା ବେଳେ କିଛି ଦିନ ମଧ୍ୟରେ ତାହା କାର୍ଯ୍ୟକ୍ଷମ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଧାରଣା ପ୍ରତ୍ୟାହୃତ କରିବା ପାଇଁ ସେ ଅନୁରୋଧ କରିଥିଲେ। ଧାରଣାକୁ ସମର୍ଥନ କରୁଥିବା ସଂଘମାନଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି ମିଡିଆ ୟୁନିୟନ ପକ୍ଷରୁ କୁହାଯାଇଛି।

ପ୍ରକାଶଯେ, ଆଧୁନିକ ଯନ୍ତ୍ରପାତି ଖଞ୍ଜିତ ଆମ୍ବୁଲାନ୍ସ ବାବଦକୁ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ୩୦ଲକ୍ଷ ଟଙ୍କା ପ୍ରଦାନ କରିଥିବାବେଳେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ୫୦ଲକ୍ଷ ଟଙ୍କା ତାଙ୍କ ପାଣ୍ଠିରୁ ଆମ୍ବୁଲାନ୍ସ ପାଇ ଦେଇଥିବା ସୂଚନା ମିଳିଛି। ଯେ ପର୍ଯ୍ୟନ୍ତ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ମିଳିନାହିଁ ଧାରଣା ଚାଲିବ ବୋଲି ୟୁନିୟନ ସଭାପତି ସୁଶାନ୍ତ କୁମାର ବେହେରା କହିଛନ୍ତି। କୋଡ଼ିଙ୍ଗା ପୂର୍ବତନ ବିଧାୟକ ସଦନ ନାୟକ, ତେନ୍ତୁଳଖୁଣ୍ଟି ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନାରାୟଣ ପାତ୍ର, ନବରଙ୍ଗପୁର ଚର୍ଚ୍ଚ ପୂର୍ବତନ ସଭାପତି ନଗେନ୍ଦ୍ର ପଟ୍ଟନାୟକ, ନିଗମାନନ୍ଦ ଆଶ୍ରମ ସଭାପତି ନାରାୟଣ ପଣ୍ଡା, ବଣିକ ସଂଘ ସମ୍ପାଦକ ପି.ଏଲ. ମୂର୍ତ୍ତି, କୋଷାଧ୍ୟକ୍ଷ ପି. ସତ୍ୟନାରାୟଣ, ବାର ଆସୋସିଏଶନ ପୂର୍ବତନ ସଭାପତି ଉମାଶଙ୍କର ତ୍ରିପାଠୀ, ଗଙ୍ଗାଧର ସାମନ୍ତରାୟ, ନିଖିଳ ଉତ୍କଳ ଶିକ୍ଷକ ସଂଘ ନବରଙ୍ଗପୁର ଶାଖା ସଭାପତି ରମଣୀ ରଞ୍ଜନ ତ୍ରିପାଠୀ, ଡାବୁଗାଁ ପୂର୍ବତନ ବିଧାୟକ ଭୁଜବଳ ମାଝି, ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ ପ୍ରମୁଖ ଧାରଣାକୁ ସମର୍ଥନ ଜଣାଇଥିଲେ। ଶୁକ୍ରବାର ଜିଲାର ଦଶ ବ୍ଲକର ଖବରଦାତାଙ୍କୁ ନେଇ ଏକ ଜରୁରୀ ବୈଠକ କରାଯିବ। ଉକ୍ତ ବୈଠକରେ ଧାରଣା ସମ୍ବନ୍ଧରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ।


ଜିଲାପାଳ ଓ ଏସ୍‌ପି ଧାରଣାସ୍ଥଳରେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

## ରାୟଗଡ଼ା ଜିଲାରୁ ୩୧ ପଜିଟିଭ

ରାୟଗଡ଼ା ଅଫିସ,୧୫।୧୦

ରାୟଗଡ଼ା ଜିଲାରୁ ଗୁରୁବାର ପୁଣି ୩୧ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏଥିରେ ଜିଲାର ରାୟଗଡ଼ା ସହରାଞ୍ଚଳରୁ ୧୫ ଜଣ, ବିଷମକଟକରୁ ୩, ଗୁଡ଼ାରିରୁ ୩, କାଶୀପୁରରୁ ୨, କଲ୍ୟାଣସିଂହପୁରରୁ ଜଣେ ଏବଂ କୋଲନରାରୁ ଜଣେ ରହିଛନ୍ତି। ସେହିପରି କଳାହାଣ୍ଡି ଜିଲାରୁ ୩, କନ୍ଧମାଳରୁ ୨, ବଲାଙ୍ଗୀରରୁ ଜଣେ ରହିଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୭୮୫୨ରେ ପହଞ୍ଚିଛି। ସେଥିମଧ୍ୟରୁ ୭୬୧୪ଜଣ ସୁସ୍ଥହୋଇ ଫେରିଥିବାବେଳେ ୪୦ଜଣଙ୍କ କରୋନା ଜନିତ ମୃତ୍ୟୁ ଘଟିଛି। ଜିଲାରେ ଆଉ ୧୯୮ ସକ୍ରିୟ ସଂକ୍ରମିତ ଚିକିତ୍ସିତ ଥିବା ସୂଚନା ମିଳିଛି।

## ବାଲ୍ୟବିବାହ ଉଚ୍ଛେଦ ନେଇ ଟାସ୍କଫୋର୍ସ କମିଟି ବୈଠକ

ଚିତ୍ରକୋଣ୍ଡା,୧୫।୧୦(ଡି.ଏନ.ଏ.)

ଚିତ୍ରକୋଣ୍ଡା ବ୍ଲକ ଆଇସିଡିଏସ୍ ଆନୁକୂଲ୍ୟରେ ଶିଶୁ ବିକାଶ ଯୋଜନା ଅଧିକାରୀ ଅନ୍ନପୂର୍ଣ୍ଣା ବୁରୁଦାଙ୍କ ତତ୍ତ୍ୱାବଧାନରେ ବ୍ଲକ ସଭା ଗୃହରେ ବାଲ୍ୟବିବାହ ଉଚ୍ଛେଦ ନେଇ ଟାସ୍କଫୋର୍ସ କମିଟିର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲ୍ୟବିବାହ ରୋକିବା ଲାଗି ଆଗାମୀ କାର୍ଯ୍ୟପନ୍ଥା ସ୍ଥିର ହୋଇଥିଲା। ଏଥିପାଇଁ ପୂର୍ବ ପ୍ରସ୍ତୁତି,ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ଗ୍ରାମ, ପଞ୍ଚାୟତ ସ୍ତରରୁ ଆଶା, ଅଙ୍ଗନୱାଡି କର୍ମୀ, ଶିଶୁ ଓ ମହିଳାଙ୍କ ଉନ୍ନତି ଲାଗି କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନେଇ ସଚେତନତା ସୃଷ୍ଟି ଉପରେ କାର୍ଯ୍ୟ କରାଯିବାକୁ ସ୍ଥିର ହୋଇଥିଲା। ବିଡିଓ ଲଖିମନ ଖରସେଲଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ତହସିଲଦାର ଟି.ପଦ୍ମନାଭ ଦୋରା, ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହନ୍ତ,ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ଜିଲା ଶିଶୁ ସୁରକ୍ଷା ସଂଯୋଜକ ସତ୍ୟଜିତ ପଣ୍ଡା,ଥାନା ଅଧିକାରୀ ସୂର୍ଯ୍ୟପ୍ରକାଶ ନାୟକ, ଜିଲା ୟୁନିସେଫ୍‌ର କନ୍‌ସଲଣ୍ଟାଣ୍ଟ, କୁଡୁମୁଲୁଗୁମା ବିଇଓ ଅଞ୍ଜନ ଚୌଧୁରୀ,ସୁପରଭାଇଜର ଚମ୍ପା ଖରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଡଙ୍ଗରିଆଙ୍କୁ ସଚେତନ କଲା ଡିକେଡିଏ


ଡଙ୍ଗରିଆଙ୍କୁ ହାତଧୁଆ କୌଶଳ ଶିଖାଯାଉଛି।

ବିଷମକଟକ,୧୫।୧୦

ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଚାଟିକୋଣାସ୍ଥିତ ଡଙ୍ଗରିଆ ଉନ୍ନୟନ ସଂସ୍ଥା(ଡିକେଡିଏ) ଏବଂ ଓପେଲିପ୍‌ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁରୁବାର ବିଶ୍ୱ ହାତଧୁଆ ଦିବସ ପାଳିତ ହୋଇଯାଇଛି। ବ୍ଲକର କୁର୍ଲି ପଞ୍ଚାୟତର ତେଣ୍ଡା, କର୍ଞ୍ଚରଲା, କିଞ୍ଜାମଜୋଡ଼ି, ଖମ୍ବେଶି, ଖଜୁରୀ, ପାତଲମ୍ବା ଗ୍ରାମ ସମେତ ଆଦିମ ଜନଜାତି ଲୋକେ ବସବାସ କରୁଥିବା ସମସ୍ତ ଅଞ୍ଚଳରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଜୀବାଣୁ ଏବଂ ଭୂତାଣୁ ଜନିତ ରୋଗଠାରୁ ନିଜକୁ ଦୂରେଇ ରଖିବା ହାତଧୋଇ ଖାଦ୍ୟ ଖାଇବା ପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା। ସେହିପରି କରୋନା ମୁକାବିଲା ନିମନ୍ତେ ବାରମ୍ବାର ହାତ ଧୋଇବା, ପରସ୍ପରଠାରୁ ୨ ଗଜ ଦୂରତା ରଖିବା ନିମନ୍ତେ ପ୍ରତ୍ୟେକ ଗାଁ ବୁଲି ସଚେତନ କରାଯାଇଥିଲା। ଏଥିରେ ନିୟମଗିରି ଅଞ୍ଚଳରେ ବସବାସ କରୁଥିବା ଡଙ୍ଗରିଆ କନ୍ଧମାନେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଡଙ୍ଗରିଆ ଉନ୍ନୟନ ପ୍ରକଳ୍ପ ପରିଚାଳକ ସୁଦର୍ଶନ ପାଢ଼ି, ଓପେଲିପ୍‌ର ମନୋଜ ବେଉରିଆ, ତପନ କୁମାର ନାୟକ, ଆକ୍ସସ୍(ଆଦିବାସୀ କୃଷି ସ୍ୱାସ୍ଥ୍ୟ ଶିକ୍ଷା ଉନ୍ନୟନ ସମିତି)ର ଯୁଧିଷ୍ଠିର ନାୟକ, ସାକ୍ଷୀ ଅନୁଷ୍ଠାନର କର୍ମଚାରୀ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

## କୋଭିଡ୍ କଟକଣାରେ ମନ୍ଦିର ଖୋଲିବା ନେଇ ବୈଠକ



ବୈଠକରେ ଯୋଗ ଦେବାକୁ ଆସିଥିବା ବିଭିନ୍ନ ମନ୍ଦିରର ପୂଜକମାନେ।

ଗୁଣପୁର, ୧୫।୧୦(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁର ଉପଜିଲାପାଳଙ୍କ ସଦ୍‌ଭାବନା ଗୃହରେ କୋଭିଡ୍ କଟକଣା ମଧ୍ୟରେ ମନ୍ଦିର ଖୋଲିବା ନେଇ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଉପଜିଲାପାଳ ସୋନାଲ ଜେନା ଅଧ୍ୟକ୍ଷତା କରିଥିଲେ। କୋଭିଡ୍ କଟକଣା ମଧ୍ୟରେ ମନ୍ଦିର ଖୋଲାଯିବ ନେଇ ବୈଠକରେ ଆଲୋଚନା ହେବାସହ ଏ ସମ୍ପର୍କରେ ପୂଜକମାନଙ୍କ ପରାମର୍ଶ ଲୋଡ଼ା ଯାଇଥିଲା। ତହସିଲଦାର ଲକ୍ଷ୍ମୀ ନାରାୟଣ ସାବତ ସଂଯୋଜନା କରିଥିଲେ। ଗୁଣପୁର ଏବଂ ଏହାର ଆଖପାଖ ଅଞ୍ଚଳରେ ଥିବା ଦେବୋତ୍ତର ଏବଂ ଦେବୋତ୍ତର ବାହାରେ ପରିଚାଳିତ ଥିବା ମନ୍ଦିର ପୂଜକ ଓ ପରିଚାଳନା କମିଟି ର ସଦସ୍ୟମାନେ ଯୋଗ ଦେଇଥିଲେ। କରୋନା ସମୟରେ ପୂଜକମାନେ ଯେପରି କ୍ଷତିଗ୍ରସ୍ତ ହୋଇଥିଲେ ତାହାକୁ ଦୃଷ୍ଟିରେ ରଖି ସରକାରୀ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରାଯାଇଛି।

# ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ଅଭିଯୋଗ

ଜୟପୁର,୧୫।୧୦(ଡି.ଏନ.ଏ.)

**ନାବାଳକ ଥାନାରେ ଅଟକ**

କୋରାପୁଟ ଜିଲା ଜୟପୁର ଟାଉନ ଥାନା ପକ୍ଷରୁ ଜଣେ ଯୁକ୍ତ ୨ ପଢୁଥିବା ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହାକୁ ଭିତ୍ତିକରି ସମ୍ପୃକ୍ତ ନାବାଳକଙ୍କୁ ଥାନାକୁ ଆଣି ଅଟକ ରଖାଯାଇଛି। ଶୁକ୍ରବାର ତାଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ ସମ୍ମୁଖରେ ହାଜର କରାଯିବ। ପରେ ବୋର୍ଡର ନିର୍ଦ୍ଦେଶ ହେଲେ ବ୍ରହ୍ମପୁରସ୍ଥିତ ସୁଧାର ଗୃହକୁ ପଠାଯିବ ବୋଲି ଥାନା ପକ୍ଷରୁ କୁହାଯାଇଛି। ପୋଲିସ ସୂତ୍ରରୁ ମିଳିଥିବା ଖବର ଅନୁସାରେ କେନ୍ଦ୍ରାପଡା ଅଞ୍ଚଳର ଜଣେ ନାବାଳକ ଜୟପୁରରେ ରହୁଥିବା ନିଜ ପିଉସାଙ୍କ ଘରେ ରହି କଲେଜରେ ପଢୁଥିଲେ। ତାଙ୍କର ପୀଡିତା ୧୭ ବର୍ଷିଆ ନାବାଳିକାଙ୍କ ସହିତ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ନାବାଳକ ଜଣକ ନାବାଳିକାଙ୍କ ସହିତ ଶାରୀରିକ ସମ୍ପର୍କର ଅଶ୍ଳୀଳ ଭିଡିଓ ଉତ୍ତୋଳନ କରି ଏହା ମାଧ୍ୟମରେ ତାଙ୍କୁ ବ୍ଲାକ୍‌ମେଲିଂ କରି ଚାଲିଥିଲେ। ତାଙ୍କ ନିକଟକୁ ନାବାଳିକାଙ୍କୁ ବାରମ୍ବାର ଡାକୁଥିଲେ। ନାବାଳିକା ଜଣକ ତାଙ୍କ ତାଙ୍କ ନିକଟକୁ ନ ଯିବାରୁ ଏଥିରେ ଉତ୍କ୍ଷିପ୍ତ ହୋଇ ନାବାଳିକାଙ୍କ ଉତ୍ତୋଳନ କରିଥିବା ଅଶ୍ଳୀଳ ଭିଡିଓକୁ ଏକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଭାଇରାଲ କରିଦେଇଥିଲେ। ଏହା ନାବାଳିକାଙ୍କ ପରିବାର ଲୋକେ ଜାଣିବା ପରେ ପଚରାଉଚରା ଝିଅକୁ ପଚାରିଥିଲେ। ଏଥିରେ ନାବାଳିକା ଜଣକ ରାଗିଯାଇ ରାଜ୍ୟ ବାହାରକୁ ଚାଲିଯାଇଥିଲେ। ତେବେ ପରବର୍ତ୍ତୀ ସମୟରେ ତାଙ୍କୁ ପରିବାର ଲୋକେ ବୁଝାଶୁଝା କରି ଘରକୁ ଆଣିଥିଲେ। ଏନେଇ ସମ୍ପୃକ୍ତ ନାବାଳକଙ୍କ ନାମରେ ଥାନାରେ ବୁଧବାର ରାତିରେ ଏତଲା ଦେଇଥିଲେ। ପୋଲିସ ୨୮୧/୨୦ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭକରି ନାବାଳକଙ୍କୁ ଥାନାକୁ ଆଣିଛି। ତାଙ୍କ ଜବତ ମୋବାଇଲରୁ ସ୍ଥାନୀୟ ଅଞ୍ଚଳର ଅନ୍ୟ କେତେଜଣ ନାବାଳିକା ଓ ଯୁବତୀଙ୍କ ଅଶ୍ଳୀଳ ଭିଡିଓ ରହିଥିବା ଜଣାପଡିଛି। ଏଥିରେ ଏକ ବ୍ଲାକ୍‌ମେଲିଂ ର୍ୟାକେଟ କାର୍ଯ୍ୟ କରୁଥିବା ପୋଲିସ ସନ୍ଦେହ କରି କେତେଜଣ ନାବାଳକ ଓ ଯୁବକଙ୍କୁ ଥାନାକୁ ଡକାଇ ପଚରାଉଚରା କରୁଥିବା ଥାନା ଅଧିକାରୀ ବାଲେଶ୍ୱର ଗିଧି କହିଛନ୍ତି।

# ମାସେ ଧରି ଚାଲିବ ହାତଧୁଆ ଅଭ୍ୟାସ ଅଭିଯାନ

ରାୟଗଡ଼ା ଅଫିସ,୧୫।୧୦

ରାୟଗଡ଼ା ଜିଲା ଉନ୍ନୟନ ବିଭାଗ ଏବଂ ୟୁନିସେଫ୍‌ର ମିଳିତ ଆନୁକୂଲ୍ୟରେ ଗୁରୁବାର ବିଶ୍ୱ ହାତଧୁଆ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବାରମ୍ବାର ସାବୁନରେ ହାତ ଧୋଇବା, ସ୍ପର୍ଶ କରୁଥିବା ସ୍ଥାନକୁ ସାନିଟାଇଜ୍ କରିବା ଏବଂ

**ବିଶ୍ୱ ହାତଧୁଆ ଦିବସ**

ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିବା ନିମନ୍ତେ ପୋଷ୍ଟର ଉନ୍ମୋଚିତ ହୋଇଛି। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ,ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ମହାମାରି ସମୟରେ ବାରମ୍ବାର ହାତ ଧୋଇବା ଏହି ନିୟମକୁ ନିୟମିତ ଅଭ୍ୟାସ କରିବା ଦରକାର ବୋଲି ମନ୍ତ୍ରୀ ଶ୍ରୀ ସାରକା ପ୍ରକାଶ କରିଛନ୍ତି। ଏହି ଅବସରରେ ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀଙ୍କ ସମେତ ଭାରତ ଜ୍ଞାନ ବିଜ୍ଞାନ ସମିତି ଏବଂ ଏନ୍‌ଜିଓ ସଭ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଓସ୍‌ୱାନ ଭିଡିଓ କନ୍‌ଫରେନ୍ସିଂ ହଲ୍‌ଠାରେ ବିଶ୍ୱ ହାତଧୁଆ ଦିବସରେ ଅନ୍‌ଲାଇନ୍ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ସାରକା ଏହି ଦିବସ ପାଳନର ମୂଳ ଉଦ୍ଦେଶ୍ୟ ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସହିପରି ପୋଷ୍ଟର ଓ ସର୍ବନିମ୍ନ ସ୍ପର୍ଶ ସାବୁନରେ ହାତ ଧୋଇବା ସ୍ଥାନର ଡିଜିଟାଲ ଶୁଭାରମ୍ଭ କରିଥିଲେ। ୟୁନିସେଫ୍‌ର ଓଡ଼ିଶା ମୁଖ୍ୟ ମୋନିକା ନେଲ୍‌ସନ କରୋନା ମୁକାବିଲା ଓ ହାତଧୁଆ ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ବିଭାଗୀୟ ନିର୍ଦ୍ଦେଶିକା ଗୁହା ପୁନମ୍ ତାପସ କୁମାର ଏବଂ ବିଭାଗୀୟ ପ୍ରମୁଖ ସଚିବ ରଞ୍ଜନା ଚୋପ୍ରା ଆଲୋଚନାରେ ଭାଗନେଇ ଗ୍ରାମାଞ୍ଚଳରେ ଏହାର ପ୍ରଚାର ପ୍ରସାର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମ ଅକ୍ଟୋବର ୧୫ରୁ ନଭେମ୍ବର ୧୯ ପର୍ଯ୍ୟନ୍ତ ହାତଧୁଆ ଅଭ୍ୟାସ ଅଭିଯାନ ଚାଲିବ। ସେହିପରି କଲ୍ୟାଣ ବିଭାଗ ଅଧୀନ ବିଦ୍ୟାଳୟ ଗୁଡ଼ିକରେ ମାସେ ବ୍ୟାପି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ ସୂଚନା ଦେଇଛନ୍ତି।


ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ସମେତ ଅତିଥିମାନେ ସଚେତନତା ପୋଷ୍ଟର ଉନ୍ମୋଚନ କରୁଛନ୍ତି।

# ବିଜେଡିରୁ ସ୍ୱରୂପ, କଂଗ୍ରେସରୁ ମମତାଙ୍କ ନାମାଙ୍କନ ଦାଖଲ

ବାଲେଶ୍ୱର ଅଫିସ,୧୫।୧୦

ବାଲେଶ୍ୱରବିଧାନସଭାନିର୍ବାଚନମଣ୍ଡଳୀରେ ଉପନିର୍ବାଚନ ପାଇଁ ଗୁରୁବାର ବିଜେଡିରୁ ସ୍ୱରୂପ ଦାସ ଓ କଂଗ୍ରେସରୁ ମମତା କୁଣ୍ଡୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ବିଜେଡି ପ୍ରାର୍ଥୀ ପ୍ରଥମେ ପୁରୁଣା ବାଲେଶ୍ୱରସ୍ଥିତ ବାଣେଶ୍ୱର ମନ୍ଦିରରେ

**ବାଲେଶ୍ୱର ଉପନିର୍ବାଚନ**

ମହାଦେବଙ୍କୁ ପୂଜା କରିଥିଲେ। ପରେ ସହରରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଆଶୀର୍ବାଦ ନେଇଥିଲେ। ତାଙ୍କ ସହିତ ଜିଲା ପର୍ଯ୍ୟବେକ୍ଷକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, ଡେପୁଟି ଚିଫ୍ ହ୍ୱିପ୍ ରୋହିତ ପୂଜାରୀ, ରାଜ୍ୟ ଉପସଭାପତି ଦେବୀ ମିଶ୍ର, ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ନାୟକ, ରାଜ୍ୟ ଯୁବସମ୍ପାଦକ ସତ୍ୟରଞ୍ଜନ ଦାସ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲାସଭାପତି ତଥା ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ଜିଲା ସାଧାରଣ ସମ୍ପାଦକ ବରୋଦା ପ୍ରସନ୍ନ ପଟ୍ଟନାୟକ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ସାହୁ, ମହିଳା ନେତ୍ରୀ ସୁବାସିନୀ ଜେନା, ରାଜ୍ୟ ମହିଳା ସମ୍ପାଦିକା ମୀନା ମହାନ୍ତି, ଜିଲା ମହିଳା ସଭାପତି ରଞ୍ଜିତା ମହାପାତ୍ର, ପୂର୍ବତନ କାଉନସିଲର ମନୋଜ ରାଉତ, ଜିଲା ଯୁବ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଜିଲା ଛାତ୍ର ସଭାପତି ସିମନ ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେଠାରୁ ଏକ ଶୋଭାଯାତ୍ରାରେ ଆସି ଉପଜିଲାପାଳ ଆଶିଷ ଈଶ୍ୱର ପାଟିଲ୍‌ଙ୍କ ଅଫିସରେ ପହଞ୍ଚି ବିଧାୟକ ପ୍ରାର୍ଥୀ ଦାସ ନାମାଙ୍କନ ପତ୍ର ଦାଖଲ କରିଥିଲେ।

ସେହିପରି କଂଗ୍ରେସ ବିଧାୟକ ପ୍ରାର୍ଥୀ ମମତା କୁଣ୍ଡୁ ଜିଲା କଂଗ୍ରେସ ଭବନରୁ ପୂର୍ବାହ୍ନ ସାଢ଼େ ୧୧ଟାରେ ବାହାରି ଉପଜିଲାପାଳଙ୍କ ଅଫିସରେ ପହଞ୍ଚି ନାମାଙ୍କନ ଦାଖଲ କରିଥିଲେ। ତାଙ୍କ ସହ ନବଜ୍ୟୋତି ପଟ୍ଟନାୟକ, କଂଗ୍ରେସର ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ, ପୂର୍ବତନ ବିଧାୟକ ଗୋପନାରାୟଣ ଦାସ, ଯୁବସଭାପତି ରଞ୍ଜନ ଦାସ, ନଗର କମିଟି ସଭାପତି ପଦ୍ମଲୋଚନ ଲେଙ୍କା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ସଞ୍ଜୀବ ଗିରି, ଯୁବନେତା ସୁଧାଂଶୁ ଜେନା, ପୂର୍ବତନ ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ତୁଷାରକାନ୍ତି ତପସ୍ୱୀ, ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ଟାଉନ ମହିଳା ସଭାପତି ଜ୍ୟୋସ୍ନାରାଣୀ ସେନାପତି, ପୂର୍ବତନ ବିଧାୟକ ପ୍ରାର୍ଥୀ ମାନସ ଦାସ ପଟ୍ଟନାୟକ ପ୍ରମୁଖ ଥିଲେ।



ବିଜେଡି ବିଧାୟକ ପ୍ରାର୍ଥୀ ସ୍ୱରୂପ ଦାସ (ବାମ) ଓ କଂଗ୍ରେସ ପ୍ରାର୍ଥୀ ମମତା କୁଣ୍ଡୁ (ଡାହାଣ) ନାମାଙ୍କନ ଦାଖଲ କରୁଛନ୍ତି।

